ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର) ଆଇନ ୨୦୦୬ ଅଧୀନରେ

# ଗ୍ରାମସଭା/ପଲ୍ଲୀସଭା ଏବଂ ଜଙ୍ଗଲ ଅଧିକାର କମିଟିର ଦାୟିତ୍ୱ ଓ କ୍ଷମତା



ପ୍ରସ୍ତୁତି :

**Vasundhara**
Plot No. 1731/C, Dash Mohapatra Complex
Near Maruti Villa Ph-II, Po-KIIT Campus
Bhubaneswar - 751024
Ph: 91-674-2728884,
Web: www.vasundharaodisha.org

## ଗ୍ରାମସଭା/ ପଲ୍ଲୀସଭା କ'ଣ?

- ଗ୍ରାମସଭା/ପଲ୍ଲିସଭା ଗୋଟିଏ ଗ୍ରାମର ଲୋକମାନଙ୍କର ସାଧାରଣ ସଭା ଯେଉଁଥିରେ ଗ୍ରାମର ସମସ୍ତ ସାବାଳକ ସଦସ୍ୟା/ସଦସ୍ୟ ଯୋଗ ଦେଉଥିବେ।
- ଜଙ୍ଗଲ ଅଧିକାର ଆଇନ ଅଧୀନରେ ଗ୍ରାମସଭାର ଅର୍ଥ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଧାରା "୬"ରେ ଥିବା "ପଲ୍ଲୀସଭା" ପ୍ରକାରେ ବୁଝିବା ବିଧେୟ ଅଟେ।

## ଗ୍ରାମ କହିଲେ କ'ଣ?

ଅଣ-ଅନୁସୂଚିତ ଅଞ୍ଚଳରେ: ସମସ୍ତ ରାଜସ୍ୱ ଗ୍ରାମ

ଅନୁସୂଚିତ ଅଞ୍ଚଳରେ: ପଡ଼ା, "ଜଙ୍ଗଲ ଗ୍ରାମ" କିମ୍ବା "ଜଙ୍ଗଲ ଜମିରେ ଥିବା ବସତି" କିମ୍ବା "ପୁରାତନ ବସତି" କିମ୍ବା "ସର୍ବେକ୍ଷଣ ଓ ବନ୍ଦୋବସ୍ତ ହୋଇ ନଥିବା ଗ୍ରାମ"

## ଧାରା - ୨ (ଡ) ଅନୁସାରେ 'ଗ୍ରାମ'ର ଅର୍ଥ:

(୧) ପଞ୍ଚାୟତିରାଜ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ, ୧୯୯୬ର ଧାରା -୪ର ଉପବିଧି (ଖ)ରେ ସୂଚିତ ଗ୍ରାମ; କିମ୍ବା

(୨) ଅନୁସୂଚିତ ଅଞ୍ଚଳକୁ ବାଦ୍ ଦେଇ ପଞ୍ଚାୟତ ସମ୍ପର୍କୀତ ରାଜ୍ୟ ଆଇନ୍‌ରେ ଗ୍ରାମ ରୂପେ ସୂଚୀତ କୌଣସି ଅଞ୍ଚଳ; କିମ୍ବା

(୩) ଜଙ୍ଗଲ ଗ୍ରାମ, ପୁରାତନ ବସତି କିମ୍ବା ବନ୍ଦୋବସ୍ତ ଏବଂ ସର୍ବେକ୍ଷଣ ହୋଇନଥିବା ଗ୍ରାମ ଯାହା ଗ୍ରାମଭାବେ ବିଜ୍ଞପ୍ତି ହୋଇଛି ବା ହୋଇନାହିଁ।

**ଗ୍ରାମସଭାର କୋରମ-** ଗ୍ରାମର ସମସ୍ତ ସାବାଳକ ସଦସ୍ୟା/ସଦସ୍ୟମାନଙ୍କର ପଚାଶ ଭାଗ ଏବଂ ତାହାର ଅତିକମରେ ଏକ ତୃତୀୟାଂଶ ମହିଳା ଗ୍ରାମସଭାରେ ଉପସ୍ଥିତ ରହିବେ।

## ଗ୍ରାମସଭାର ଦାୟିତ୍ୱ:

- ଗ୍ରାମର ସମସ୍ତ ସାବାଳକମାନଙ୍କୁ ନେଇ ବୈଠକ ଆୟୋଜନ କରିବା
- ଆଇନ୍ ଓ ନିୟମାବଳୀ ସଂପର୍କରେ ଲୋକମାନଙ୍କୁ ସଚେତନ କରିବା
- ସମସ୍ତଙ୍କର ସହମତି କ୍ରମେ "ଜଙ୍ଗଲ ଅଧିକାର କମିଟି" ଗଠନ କରିବା
- "ଜଙ୍ଗଲ ଅଧିକାର କମିଟି"ର ଦାୟିତ୍ୱ ସଂପର୍କରେ ଗ୍ରାମର ସମସ୍ତ ସାବାଳିକା/ସାବାଳକମାନଙ୍କୁ ସଚେତନ କରାଇବା
- "ଜଙ୍ଗଲ ଅଧିକାର କମିଟି"କୁ ଦିଆଯାଇଥିବା ଦାୟିତ୍ୱଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା
- "ଜଙ୍ଗଲ ଅଧିକାର କମିଟି"ର ବିବରଣୀକୁ ଗୃହିତ କରାଇବା ଓ ଉପ-ଖଣ୍ଡିୟସ୍ତରୀୟ କମିଟି ନିକଟରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଦାବି ଉପସ୍ଥାପନ କରିବା
- ଜଙ୍ଗଲ ଓ ବନ୍ୟଜନ୍ତୁର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ କମିଟି ଗଠନ କରିବା ତଥା ପରିଚାଳନା ପାଇଁ ନୀତିନୀୟମ ପ୍ରଣୟନ କରିବା
- ଜଙ୍ଗଲ ଜମିର ପୁନଃ ଜବରଦଖଲ ରୋକିବା
- ବନ୍ୟଜନ୍ତୁ ଶିକାର ବନ୍ଦ କରିବା ପାଇଁ ପଦକ୍ଷେପ ନେବା
- ଜୈବବିବିଧତା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ପାଣିର ସ୍ରୋତ ଇତ୍ୟାଦିର ସୁରକ୍ଷାକୁ ସୁନିଶ୍ଚିତ କରାଇବା
- ଆଦିବାସୀଙ୍କ ସଂସ୍କୃତି, ବୌଦ୍ଧିକ ଜ୍ଞାନକୁ ସୁରକ୍ଷା ପ୍ରଦାନ କରିବା
- ଜଙ୍ଗଲଜମିରେ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମତି ପ୍ରଦାନ କରିବା [ଆଇନର ଧାରା ୩ (୨)]
- ଜଙ୍ଗଲ ଅଧିକାର ଆଇନ୍ କୁ ଅବମାନନା କରୁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସୁପାରିଶ କରିବା
- ଲଘୁବନଜାତ ଦ୍ରବ୍ୟର ପରିବହନ, ଆୟ ବା ପରିଚାଳନା ଯୋଜନା ସମ୍ବନ୍ଧିତ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ନିଷପତ୍ତିକୁ ଅନୁମୋଦନ କରିବା।

## ଜଙ୍ଗଲ ଅଧିକାର କମିଟି:



ଜଙ୍ଗଲ ଅଧିକାର କମିଟି କହିଲେ, 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ ଅନ୍ତର୍ଗତ ଧାରା ୩ (୧) ଅନୁସାରେ ଅନୁଷ୍ଠିତ ହୋଇଥିବା ପଲ୍ଲୀସଭା ବୈଠକରେ ଉପସ୍ଥିତ ଥିବା ସମସ୍ତ ସାବାଳକମାନଙ୍କ ଦ୍ୱାରା ନିର୍ବାଚିତ ଅବା ମନୋନୀତ ଅବା ଚୟନ ହୋଇଥିବା ଏକ କମିଟି ।

ଅତିକମ୍‌ରେ ୧୦ ଓ ଅତିବେଶୀରେ ୧୫ ଜଣ ପଲ୍ଲୀସଭାର ସଦସ୍ୟଙ୍କୁ ନେଇ ନିମ୍ନ ପ୍ରକାରେ ଏହି କମିଟି ଗଠିତ ହେବ ।

- ପଲ୍ଲୀସଭା ଦ୍ୱାରା ନିର୍ବାଚିତ ଅବା ମନୋନୀତ ହୋଇଥିବା ଜଙ୍ଗଲ ଅଧିକାର କମିଟିର ମୋଟ ପ୍ରତିନିଧିଙ୍କ ସଂଖ୍ୟାର -

  ୧. ଏକ-ତୃତୀୟାଂଶ ଅନୁସୂଚିତ ଜନଜାତି (ଆଦିବାସୀ) ହୋଇଥିବା ଦରକାର ।

  ୨. ପୁନଶ୍ଚ ନିର୍ବାଚିତ ଅବା ମନୋନୀତି ପ୍ରତିନିଧିଙ୍କ ମଧ୍ୟରୁ ଅତିକମ୍‌ରେ ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର ।

  ୩. ଯେଉଁଠାରେ ଆଦିବାସୀ ନାହାନ୍ତି, ସେଠାରେ ମୋଟ ନିର୍ବାଚିତ ଅବା ମନୋନୀତି ପ୍ରତିନିଧିର ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର।

  ୪. ଯଦି କୌଣସି ଗ୍ରାମରେ ଆଦିମ ଜନଜାତି ସଂପ୍ରଦାୟର ଲୋକ ଥାଆନ୍ତି, ସେମାନଙ୍କର ପ୍ରତିନିଧିତ୍ୱ ମଧ୍ୟ ରହିବ ।

## ଜଙ୍ଗଲ ଅଧିକାର କମିଟିର କାର୍ଯ୍ୟ:

- ଦାବୀଦାର୍‌ମାନଙ୍କ ଠାରୁ ଦାବୀପତ୍ର/ଅଭିଯୋଗ ପତ୍ର ଗ୍ରହଣ କରିବା ।
- ଦାବୀପତ୍ର/ଅଭିଯୋଗପତ୍ରକୁ ଯାଞ୍ଚ କରିବା । (ଏଠାରେ ଯାଞ୍ଚ କରିବା ଅର୍ଥ ହେଉଛି, ଦାବୀଦାର୍ ସଂଶୋଧିତ ନିୟମାବଳୀ ୨୦୧୨ ରେ ସଂଲଗ୍ନ କରାଯାଇଥିବା ଫର୍ମକୁ ସଠିକ୍‌ଭାବେ ପୂରଣ କରିଛି ନା ନାହିଁ, ଅତିକମ୍‌ରେ ଦୁଇଟି ସାକ୍ଷ୍ୟ ବା ପ୍ରମାଣପତ୍ର ଦାବୀପତ୍ର ସହ ସଂଯୋଗ କରିଛି ନା ନାହିଁ, ତାହାକୁ ମଧ୍ୟ ତଦାରଖ କରିବା ।)
- ଦାବୀଦାର୍‌ମାନଙ୍କୁ ପ୍ରାପ୍ତି ସ୍ୱୀକାର ରସିଦ୍ ପ୍ରଦାନ କରିବା ।
- ଦାବୀଦାର୍‌ମାନଙ୍କ ଠାରୁ ଗ୍ରହଣ କରାଯାଇଥିବା ଦାବୀପତ୍ରରେ ଥିବା ତଥ୍ୟକୁ ଆଧାର କରି ଏକ ପ୍ରାଥମିକ ବିବରଣୀ ପ୍ରସ୍ତୁତ କରିବା
- ସଂଶୋଧିତ ନିୟମାବଳୀ ୨୦୧୨ର ଅଧିନିୟମ ୧୨ରେ ଉଲ୍ଲେଖିତ ପ୍ରକ୍ରିୟାନୁଯାୟୀ ଦାବୀଗୁଡ଼ିକର କ୍ଷେତ୍ରାୟ/ ତୃଣମୂଳସ୍ତରରେ ଯାଞ୍ଚ କରିବା
- ଗ୍ରାମସଭା ତରଫରୁ ଗୋଷ୍ଠୀଗତ ଅଧିକାର ଚିହ୍ନଟ କରିବା ଓ ନିୟମ ସଂଶୋଧିତ ନିୟମାବଳୀ ୨୦୧୨ ରେ ପ୍ରଦତ୍ତ ଫର୍ମ 'ଖ' ଓ 'ଗ' କୁ ପୂରଣ କରିବା ଓ ତତ୍‌ସମ୍ପର୍କୀତ ସାକ୍ଷ୍ୟ ବା ପ୍ରମାଣପତ୍ର ଯୋଗାଡ଼ କରିବା
- ଦାବୀ ଯାଞ୍ଚ ପ୍ରକ୍ରିୟାରେ ଆସିଥିବା ତଥ୍ୟକୁ ଆଧାର କରି ଏକ ବିବରଣୀ ପ୍ରସ୍ତୁତ କରିବା ।
- ଉଭୟ ବିବରଣୀକୁ (ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର)ଗ୍ରାମସଭାର ବିଚାର ନିମନ୍ତେ ଉପସ୍ଥାପନ କରିବା ଓ ଗ୍ରାମସଭାର ମତାମତକୁ ଆଧାର କରି ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରି ଗ୍ରାମସଭାରେ ଗୃହୀତ କରିବା ।

## ଦାବୀ ଯାଞ୍ଚ ପ୍ରକ୍ରିୟାରେ ଭୂମିକା:

ଦାବୀଦାର୍‌ମାନେ ସଂଶୋଧିତ ନିୟମାବଳୀ ୨୦୧୨ ରେ ପ୍ରଦତ୍ତ ଫର୍ମକୁ ପୂରଣ କରି ଦେବା ପରେ, ଫର୍ମରେ ଉଲ୍ଲେଖ କରାଯାଇଥିବା ସୂଚନା ବା ତଥ୍ୟ ଓ ପ୍ରମାଣପତ୍ରକୁ ଆଧାର କରି ଜଙ୍ଗଲ ଅଧିକାର କମିଟି ଯାଞ୍ଚ କରିବ । ଯାଞ୍ଚ ସମୟରେ ଜଙ୍ଗଲ ଅଧିକାର କମିଟିର ସଦସ୍ୟମାନେ ଉପସ୍ଥିତ ରହିବା ଅନିବାର୍ଯ୍ୟ।

୧. ଦାବୀଦାର୍‌ମାନଙ୍କ ଠାରୁ ଗ୍ରହଣ କରାଯାଇଥିବା ଦାବୀପତ୍ରରେ ଥିବା ତଥ୍ୟକୁ ଆଧାର କରି ଏକ ପ୍ରାଥମିକ ବିବରଣୀ ପ୍ରସ୍ତୁତ କରିବା

୨. ଦାବୀଗୁଡ଼ିକର କ୍ଷେତ୍ରୀୟ/ ତୃଣମୂଳସ୍ତରରେ ଯାଞ୍ଚ କରିବାର ପ୍ରକ୍ରିୟା ନିମ୍ନମତେ ହେବ:

- ଯାଞ୍ଚର ଯଥେଷ୍ଟ ସମୟ/ଅବଧି ପୂର୍ବରୁ ଦାବୀଦାର, ରାଜସ୍ୱ ବିଭାଗ ଓ ବନବିଭାଗକୁ ଲିଖିତ ଭାବେ ସୂଚିତ କରିବା
- ଦାବୀଦାର୍‌ମାନଙ୍କ ଠାରୁ ଗ୍ରହଣ କରାଯାଇଥିବା ଦାବୀପତ୍ରରେ ଥିବା ତଥ୍ୟକୁ ଆଧାର କରି ଏକ ପ୍ରାଥମିକ ବିବରଣୀ ପ୍ରସ୍ତୁତ କରିବା
- ସୂଚିତ କରାଯାଇଥିବା ତାରିଖରେ ସ୍ଥାନ ପରିଦର୍ଶନ କରିବା ଓ ଫର୍ମରେ ପ୍ରଦତ୍ତ ସୂଚନାକୁ ଆଧାର କରି ଯାଞ୍ଚ କରିବା
- ଆବଶ୍ୟକସ୍ଥଳେ ଦାବୀଦାରଙ୍କ ଠାରୁ ଅଧିକ ସୂଚନା ବା ତଥ୍ୟ ସଂଗ୍ରହ କରିବା ଅବା ସାକ୍ଷ୍ୟଙ୍କ ସହ ଆଲୋଚନା କରିବା
- ଉକ୍ତ ସ୍ଥାନର ଅବସ୍ଥିତି, ପରିମାଣ ଆଦିକୁ ଆଧାର କରି ନକ୍ସା ପ୍ରସ୍ତୁତ କରିବା
- ଦାବୀ ଯାଞ୍ଚ ପ୍ରକ୍ରିୟାରେ ଆସିଥିବା ତଥ୍ୟକୁ ଆଧାର କରି ଏକ ବିବରଣୀ ପ୍ରସ୍ତୁତ କରିବା
- ଗ୍ରାମସଭା ତରଫରୁ ଗୋଷ୍ଠୀଗତ ଅଧିକାର ଚିହ୍ନଟ କରିବା ଓ ସଂଶୋଧିତ ନିୟମାବଳୀ ୨୦୧୨ ରେ ପ୍ରଦତ୍ତ ଫର୍ମ 'ଖ' ଓ 'ଗ' କୁ ପୂରଣ କରିବା ଓ ତତ୍‌ସମ୍ପର୍କୀତ ସାକ୍ଷ୍ୟ ବା ପ୍ରମାଣପତ୍ର ଯୋଗାଡ଼ କରିବା ଓ ତତ୍‌ସଂମ୍ପର୍କୀତ ନକ୍ସା ପ୍ରସ୍ତୁତ କରିବା
- ଉଭୟ ବିବରଣୀକୁ (ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର) ଗ୍ରାମସଭାର ବିଚାର ନିମନ୍ତେ ଉପସ୍ଥାପନ କରିବା ଓ ଗ୍ରାମସଭାର ମତାମତକୁ ଆଧାର କରି ପ୍ରଥମ ଚିଠା ବିବରଣୀ ପ୍ରସ୍ତୁତ କରିବା
- ଗୃହୀତ ବିବରଣୀକୁ ଉପ-ଖଣ୍ଡସ୍ତରୀୟ କମିଟିର ବିଚାର ନିମନ୍ତେ ପ୍ରେରଣ କରିବା ।

